The Odisha Gazette

EXTRAORDINARY

PUBLISHED BY AUTHORITY

No. 3 CUTTACK, FRIDAY, JANUARY 1, 2016/PAUSA 11, 1937

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

ତାରିଖ 8 ଜୁଲାଇ 2015

ସଂଖ୍ୟା 19901—RDM-LAC-SBP-0010/2015-R&DM.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ସମ୍ବଲପୁର-ଟିଟିଲାଗଡ ଦୋହରା ରେଳପଥ ନିର୍ମାଣ ନିମନ୍ତେ ମୌଜା ସମ୍ବଲପୁର ୟୁନିଟ-୧୩ (ବରେଇପାଲି), ଥାନା ସମ୍ବଲପୁର, ତହସିଲ ସମ୍ବଲପୁର, ଜିଲ୍ଲା ସମ୍ବଲପୁରରେ ନିମ୍ନ ତଫସିଲମତେ ପ୍ରାୟ 0.040 ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧। ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ରେଳପଥ ପ୍ରକଳ୍ପ ।

୨। ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ନିର୍ମାଣ-II, ପୂର୍ବାଞ୍ଚଳ ରେଳପଥ, ସମ୍ବଲପୁର ।

୩। କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।

୪। ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୫। ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ସମ୍ବଲପୁର ।

୬। ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ସମ୍ବଲପୁର | ସମ୍ବଲପୁର | ସମ୍ବଲପୁର ୟୁନିଟ-୧୩ (ବରେଇପାଲି) | ସହରାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ସମ୍ବଲପୁର-ଟିଟିଲାଗଡ ଦୋହରା ରେଳପଥ, ସମ୍ବଲପୁରଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ସମ୍ବଲପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ବଲପୁର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ଭୂମି ଅନୁସୂଚୀ

| ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚୀତ ଜମିର ରକବା | କିସମ | ରୟତର ନାମ |
|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) |
| ୬୫୫/୧ | ୨୮୮୬ | ୦.୦୮୦ | ୦.୦୪୦ | ଘରବାରି-୧ | ହେମଙ୍ଗ କୁମାର ପଟେଲ, ପି. ସ୍ୱର୍ଗୀୟ ରାଘବଜି ହରିଭାଇ ପଟେଲ ତରୁ ମାତା ଓ ରକ୍ଷକ ଭନିତା ବେନ ପଟେଲ, ସ୍ୱା. ରାଘବଜି ହରିଭାଇ ପଟେଲ, ଜା. ପଟେଲ ବା. ନୟାପଡ଼ା, ଗୋଲବଜାର ୟୁନିଟ ନମ୍ବର-୬. |
| | | ମୋଟ .. | ୦.୦୪୦ | | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ସୁଦର୍ଶନ ପଣ୍ଡା**

ଯୁଗ୍ମ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1304—173+20